# ଛୋଟ ମୋର ଗାଆଁଟି

## କବି:ସଚ୍ଚିଦାନନ୍ଦ ରାଉତରାୟ

## ଶ୍ରେଣୀ:ସପ୍ତମ

## ଦ୍ୱିତୀୟ ଦିନ

ODM EDUCATIONAL GROUP
Changing your Tomorrow

CHANGING YOUR TOMORROW

**SUB-CONCEPTS:କର୍ମମୟ ସରଳ ଗାଁ ଓ ଏନ୍ତୁଡିଶାଳରୁ ଶକ୍ତି ସାମର୍ଥ୍ୟଲାଭ ।**

ପୂର୍ବ ପାଠ୍ୟର ଆଲୋଚନା-

୧.ସଚ୍ଚିଦାନନ୍ଦ ରାଉତରାୟ କେଉଁଠି ଜନ୍ମଗ୍ରହଣ କରିଥିଲେ ?
୨.ସେ କେଉଁ ପୁରସ୍କାର ସବୁ ପାଇଥିଲେ ?
୩.ତାଙ୍କର ଦୁଇଟି କବିତା ପୁସ୍ତକର ନାମ କୁହ ?



# କବିତାଂଶ ବ୍ୟାଖ୍ୟା:

ଛୋଟ ମୋର ଗାଆଁଟି
ଭୂଗୋଳ ପୋଥି-ପତରେ ପଛେ ନ ଥାଉ ତାର ନାଆଁଟି
।
ମାଟିର ସେଇ ସରଗ ମୋର,
ସେଇଠି ଅଛି ମୋ ଷଠୀଘର।
ଜଳିବ ପୁଣି ସେଇଠି ଶେଷେ
ମୋହରି ଚିତା ନିଆଁଟି ।
ଛୋଟ ମୋର ଗାଆଁଟି ।
ଜନମି ତାର ଏକୁଡିଶାଳେ
ବୁଲୁଛି କେତେ ତା ତୋଟାମାଳେ ।
ପାଞ୍ଚଟି ମୋର ପଞ୍ଜରା କାଠି,
(ଶେଷେ) ସେଇଠି ହବ ଡାହାଟି
ଛୋଟ ମୋର ଗାଆଁଟି ।



- କବିଙ୍କ ଜନ୍ମଭୂମି,ଓଡିଶାର ଏକ ଅଜ୍ଞାତ ପଲ୍ଲୀଗ୍ରାମ ଗୁରୁଜଙ୍ଗ ଭୂଗୋଳ ବହିରେ ସ୍ଥାନିତ ହୋଇନଥିଲେ ମଧ୍ୟ କବିଙ୍କ ପାଇଁ ସ୍ୱର୍ଗ ଠାରୁ ବଡ ।
- ଗାଁର ସେହି ମାଟି ଘର କାନ୍ଥରେ କବିଙ୍କ ପାଇଁ ନିର୍ମିତ ଷଠୀଘରକୁ ଦେଖି କବି କହିଛନ୍ତି ଯେ ଗାଁ ମାଟିର ଯେଉଁ ଏନ୍ତୁଡିଶାଳରେ ସେ ଦିନେ ଦୁନିଆର ଆଲୋକ ଦେଖିଥିଲେ ସେହି ଘରେ ତାଙ୍କ ଜୀବନ ଦୀପ ଲିଭିଯାଉ ।
- ନିଜ ଛୋଟ ଗାଁର ତୋଟାମାଳରେ ସାଙ୍ଗସାଥୀମାନଙ୍କ ସହ ଖେଳିବୁଲି ସେ ତାଙ୍କ ବାଲ୍ୟ ବୟସ ବିତାଇଥିଲେ ।ସେହି ଗାଁର ଧୂଳି ମାଟି ତାଙ୍କ ପାଇଁ ଚନ୍ଦନ ତୁଲ୍ୟ ।
- ଜୀବନର ଅନ୍ତିମ ସମୟ ସେ ସେହି ଭୂମିରେ ଅତିବାହିତ କରି ସେହି ଗାଁ ତୋଟାମୁଣ୍ଡ ଶ୍ମଶାନରେ ପାଉଁଶ ହୋଇଯିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ।

# କଠିନ ଶବ୍ଦର ଅର୍ଥ:

- ଷଠୀଘର-ଶିଶୁ ଜନ୍ମ ହେବାର ଷଷ୍ଠ ଦିନରେ ଏନ୍ତୁଡିଶାଳର କାନ୍ଥରେ,ମାଟିରେ କଉଡି ଦିଆଯାଇ ତିଆରି ହୋଇଥିବା ଏକ ଘର । ଯେଉଁଠାରେ ଷଠୀ ଦେବୀଙ୍କୁ ପୂଜା କରାଯାଏ ।
- ଚିତାନିଆଁ-ଶ୍ମଶାନରେ ଶବଦାହ ପାଇଁ ଜଳୁଥିବା ନିଆଁ ।
- ଏନ୍ତୁଡିଶାଳ-ଘରର ଯେଉଁ କୋଠରୀରେ ଶିଶୁ ଜନ୍ମ ହେବା ପାଇଁ ବ୍ୟବସ୍ଥା କରାଯାଇଥାଏ ।
- ଡାହା-ଦାହ,ଜଳିବା

# ବ୍ୟାକରଣଗ

## ତ ଶବ୍ଦ:

### ବିପରୀତ ଶବ୍ଦ:

ଜନ୍ମ-ମୃତ୍ୟୁ
ସେଇଠି-ଏଇଠି
ଜଳ-ସ୍ଥଳ
ଶେଷ-ଆରମ୍ଭ

### ପ୍ରତିଶବ୍ଦ:

ଅଗ୍ନି-ଅନଳ,ନିଆଁ
ପୋଥି-
ବହି,ପୁସ୍ତକ
ନଈ-
ତଟିନୀ,ସରିତ
ବାୟୁ-

### ଗଦ୍ୟରୂପ:

ଜନମ-ଜନ୍ମ
ରକତ-ରକ୍ତ
ସରଗ-ସ୍ୱର୍ଗ

# ଗୃହକର୍ମ:

## ତୁମ ଗାଆଁ ବିଷୟରେ ୧୦ ଧାଡ଼ି ଲେଖ ।

# THANKING YOU

# ODM EDUCATIONAL GROUP